# NATIONAL NEWS BULLETIN (ODIA)

**18 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଞ୍ଚରାଷ୍ଟ୍ର ଗସ୍ତର ଚତୁର୍ଥ ପର୍ଯ୍ୟାୟରେ ନରୱେର ଓସ୍‌ଲୋଠାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ

—ନରୱେ ପ୍ରତିପକ୍ଷଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା

- ଛତିଶଗଡ଼ର ରାୟପୁରରେ ଡାଏଲ୍ ୧୧୨ ଅଧୀନରେ ୪୦୦ଟି ଆଧୁନିକ ବାହାନର ଶୁଭାରମ୍ଭ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ଦୁଇ ଏସୀୟ ରାଷ୍ଟ୍ର- ଭିଏତନାମ ଓ ଦକ୍ଷିଣ କୋରିଆକୁ ଗସ୍ତରେ ଗଲେ ପ୍ରତିରକ୍ଷାମନ୍ତ୍ରୀ

- ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରିଠାରେ ସଡ଼କ ଦୁର୍ଘଟଟଣାରେ ୯ ଜଣଙ୍କର ମୃତ୍ୟୁ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମଧ୍ୟରେ ଖେଳାଯିବ ମ୍ୟାଚ

---

## ପିଏମ୍-ସ୍ୱିଡେନ୍ ଭିଜିଟ୍

ପଞ୍ଚରାଷ୍ଟ୍ରୀୟ ଗସ୍ତର ଚତୁର୍ଥ ପର୍ଯ୍ୟାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନରୱେର ଓସଲୋଠାରେ ପହଞ୍ଚିଛନ୍ତି । ଶ୍ରୀ ମୋଦୀଙ୍କର ଏହ ହେଉଛି

ପ୍ରଥମ ନରୱେ ଗସ୍ତ । ୨ ଦିନିଆ ସ୍ୱିଡେନ୍ ଗସ୍ତ ଶେଷକରି ଶ୍ରୀ ମୋଦୀ ନରୱେ ଗସ୍ତ କରିଛନ୍ତି । ୪୩ ବର୍ଷ ପରେ ପ୍ରଥମଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରୱେ ଗସ୍ତ କରିଛନ୍ତି । ଏହି ଗସ୍ତର ଅବସରରେ ଶ୍ରୀ ମୋଦୀ ସେଠାରେ ରାଜା ହେରାଲ୍ଡ ଏବଂ ମହାରାଣୀ ସୋନ୍ୟାଙ୍କ ସହ ସାକ୍ଷାତ କରିବେ । ଶ୍ରୀ ମୋଦୀ ନରୱେ ପ୍ରଧାନମନ୍ତ୍ରୀ ଜୋନାସ୍ ଗହର ଷ୍ଟୋର୍‌ଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିବେ । ଶ୍ରୀ ମୋଦୀ ଭାରତ-ନୋର୍ଡିକ୍ ବାଣିଜ୍ୟ ଏବଂ ଅନୁସନ୍ଧାନ ଶିଖର ସମ୍ମିଳନୀରେ ଉଦ୍‌ବୋଧନ ଦେବେ। ଏହି ସମୟରେ ଭାରତ-ନୋର୍ଡିକ୍ ସଂପର୍କରେ ହୋଇଥିବା ପ୍ରଗତି ନେଇ ସମୀକ୍ଷା କରାଯିବ ।

ତୃତୀୟ ଭାରତ-ନୋର୍ଡିକ୍ ଶିଖର ସମ୍ମିଳନୀ ଆସନ୍ତାକାଲି ଅନୁଷ୍ଠିତ ହେବ । ଏଥିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ନରୱେ, ଡେନ୍‌ମାର୍କ, ଫିନ୍‌ଲ୍ୟାଣ୍ଡ, ଆଇସ୍‌ଲ୍ୟାଣ୍ଡ ଏବଂ ସ୍ୱିଡେନ୍‌ର ପ୍ରଧାନମନ୍ତ୍ରୀମାନେ ଯୋଗଦେବେ । ଏହି ଶିଖର ସମ୍ମିଳନୀ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ, ସବୁଜ ପରିବର୍ତ୍ତନ ଓ ନବୀକରଣୀୟ ଶକ୍ତି, ନୀଳ ଅର୍ଥନୀତି, ପ୍ରତିରକ୍ଷା ଓ ମହାକାଶ ଭଳି ରଣନୈତିକ କ୍ଷେତ୍ରରେ ଭାରତର ପ୍ରଭାବ ବୃଦ୍ଧି ପାଇବା ନେଇ ଆଶା କରାଯାଉଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସ୍ୱିଡେନ୍ ଗସ୍ତ ବେଶ୍ ସଫଳ ହୋଇଛି ଏବଂ ଦ୍ୱିପାକ୍ଷିକ ସଂପର୍କକୁ ଏହା ଅଧିକ ତ୍ୱରାନ୍ୱିତ କରିବ । ମିଳିତ ନବସୃଜନ ସହଭାଗିତାର ଦ୍ୱିତୀୟ ପର୍ଯ୍ୟାୟ ଏବଂ ଭାରତ-ସ୍ୱିଡେନ୍ ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତ୍ତା କରିଡରଠାରୁ ଆରମ୍ଭ କରି ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବା

ଲକ୍ଷ୍ୟ ନେଇ ଉଭୟପକ୍ଷଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ମେକ୍ ଇନ୍ ଇଣ୍ଡିଆ ଏବଂ ମେଡ୍ ୱିଥ୍ ସ୍ୱିଡେନ୍ ପଦକ୍ଷେପ ଅଧୀନରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ସଶକ୍ତ କରିବା ଏବଂ ସବୁଜ ହାଇଡ୍ରୋଜେନ, ସେମିକଣ୍ଡକ୍ଟର ତଥା ଉତ୍ପାଦନ କ୍ଷେତ୍ରରେ ବିକାଶ ଲକ୍ଷ୍ୟ ନେଇ ଭବିଷ୍ୟତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସ୍ୱିଡେନ୍‌ର ସର୍ବୋଚ୍ଚ ସମ୍ମାନ 'ରୟାଲ୍ ଅର୍ଡର ଅଫ୍ ଦି ପୋଲାର ଷ୍ଟାର୍' ପ୍ରଦାନ କରାଯାଇଛି ।

## ଶାହା-ଛତିଶଗଡ଼

ଛତିଶଗଡ଼ର ରାୟପୁରରେ "ଡାଏଲ୍-୧୧୨" ଅଧୀନରେ ୪୦୦ଟି ଅତ୍ୟାଧୁନିକ ବାହନର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁଭାରମ୍ଭ କରିଛନ୍ତି । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ରାଜ୍ୟବିଧାନସଭା ବାଚସ୍ପତି ରମଣ ସିଂ, ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଛତିଶଗଡ଼ର ସମସ୍ତ ୩୩ଟିଯାକ ଜିଲ୍ଲାରେ ଏହି ସେବା ଉପଲବ୍ଧ ହେବ । ପୂର୍ବରୁ ଏହା ୧୬ଟି ଜିଲ୍ଲାରେ ସୀମିତ ରହିଥିଲା । କାର୍ଯ୍ୟକ୍ରମ ପରେ ଶ୍ରୀ ଶାହା ବସ୍ତର ଅଭିମୁଖେ ଯାତ୍ରା କରିଛନ୍ତି । ସେଠାରେ  ନେତାନାର ଗ୍ରାମରେ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ବାହିନୀ କ୍ୟାମ୍ପ ପରିସରରେ ଏକ ଜନସେବା କେନ୍ଦ୍ରର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହା ପରେ ଶ୍ରୀ ଶାହା ଜଗଦଲପୁରରେ ପହଞ୍ଚି ଅମରବାଟିକାଠାରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଜଗଦଲପୁରର ବାଦଲ ଏକାଡେମୀଠାରେ  ଶହୀଦଙ୍କ ପରିବାର ସଦସ୍ୟ, ସୁରକ୍ଷାକର୍ମୀ ଏବଂ ନକ୍ସଲ ହିଂସାରେ ପ୍ରଭାବିତ ଲୋକ ଓ ସ୍ଥାନୀୟ

ସଂପ୍ରଦାୟର ପ୍ରତିନିଧିଙ୍କ ସହ ଶ୍ରୀ ଶାହା ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ସନ୍ଧ୍ୟାରେ  'ବସ୍ତର କେ ସଙ୍ଗ' ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରୀ ଶାହା ଯୋଗଦେବେ । ଛତିଶଗଡ଼ ଗସ୍ତ ଅବସରରେ ଆସନ୍ତାକାଲି ସ୍ୱରାଷ୍ଟ୍ରମନ୍ତ୍ରୀ ଜଗଦଲପୁରରେ କେନ୍ଦ୍ରୀୟ ଜୋନାଲ୍ ପରିଷଦର ୨୬ତମ ବୈଠକରେ ଅଧକ୍ଷତା କରିବେ । ବୈଠକରେ ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀଗଣ ଯୋଗଦେବେ ।

---

## ପିଏମ୍-ସତୀଶନ

କଂଗ୍ରେସର ବରିଷ୍ଠ ନେତା ଭି.ଡି. ସତୀଶନଙ୍କ ନେତୃତ୍ୱରେ ନବଗଠିତ କେରଳମ୍‌ର ୨୧ ଜଣିଆ ମନ୍ତ୍ରିମଣ୍ଡଳ ଆଜି ତିରୁବନନ୍ତପୁରମ୍‌ଠାରେ ଶପଥ ଗ୍ରହଣ କରିଛନ୍ତି । ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନଙ୍କୁ ଶପଥପାଠ କରାଇଥିଲେ । ସତୀଶନଙ୍କ ମନ୍ତ୍ରିମଣ୍ଡଳରେ ପୂର୍ବତନ ବିରୋଧୀଦଳ ନେତା ରମେଶ ଚେନିଥାଲା,  ସୋନି ଯୋଶେଫ,  କେ. ମୁରଲୀଧରନ୍ ଏବଂ ଆଇୟୁଏମ୍‌ଏଲ୍ ନେତା ପି.କେ. କୁହ୍ନାଲିକୁଟି ପ୍ରମୁଖ ରହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ଭି.ଡି.ସତୀଶନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର କେରଳମରେ ନବଗଠିତ ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ।

---

# ରାଜନାଥ-ଭିଜିଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜିଠାରୁ ଭିଏତନାମ ଏବଂ ଦକ୍ଷିଣ କୋରିଆ ଗସ୍ତରେ ଯାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଦୁଇ ଏସୀୟରାଷ୍ଟ୍ରକୁ ଗସ୍ତରେ ଯାଇଛନ୍ତି । ଗସ୍ତ ଅବସରରେ ରଣନୈତିକ ସାମରିକ ସହଯୋଗ, ପ୍ରତିରକ୍ଷା ଶିଳ୍ପ ସହଭାଗିତା, ସାମୁଦ୍ରିକ ସହଯୋଗକୁ ଅଧିକ ବ୍ୟାପକ କରିବା ଏବଂ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ମତ ବିନିମୟ ହେବ ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି । ଭିଏତନାମଠାରେ ସେଠାକାର ଜାତୀୟ ପ୍ରତିରକ୍ଷାମନ୍ତ୍ରୀ ଜେନେରାଲ୍ ଫାନ୍ ଭାନ୍ ଗିଆଙ୍ଗ୍‌ଙ୍କ ସହ ଶ୍ରୀ ସିଂ ଦ୍ୱିପାକ୍ଷିକ ଆଲୋଚନା କରିବେ । ଆସନ୍ତାକାଲି ଭିଏତନାମର ପୂର୍ବତନ ରାଷ୍ଟ୍ରପତି ହୋ ଚିମିନ୍‌ଙ୍କ ୧୩୬ତମ ଜନ୍ମବାର୍ଷିକୀ ସମାରୋହରେ ଶ୍ରୀ ସିଂହ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

# ପିଏମ୍-ଲକ୍ଷ୍ମୀପୁର ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶ ଲକ୍ଷ୍ମୀପୁର ଖେରିଠାରେ ଆଜି ସକାଳେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଯାତ୍ରୀବାହୀ ଗାଡ଼ିକୁ ଧକ୍କା ଦେଇଥିଲା । ଏଥିରେ ୨ ଜଣ ମହିଳାଙ୍କ ସମେତ ୧୦ ଜଣ ବ୍ୟକ୍ତି ଥିଲେ । ପିଲିଭିକ୍ ବସ୍ତି ଜାତୀୟ ରାଜପଥର ଅଡଲିସ୍‌ପୁର ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଜଣେ ଆହତଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରିଠାରେ ଘଟିଥିବା ଦୁର୍ଘଟଣାରେ  ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଜାତୀୟ ସହାୟତା ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।  ଏଥିସହ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

---

# ଡବ୍ଲୁବି-ଏଜ୍ ଲିମିଟ୍

ପଶ୍ଚିମବଙ୍ଗରେ ରାଜ୍ୟ ସରକାରୀ ଚାକିରିରେ ପ୍ରବେଶ ପାଇଁ ସର୍ବାଧିକ ବୟସ ସୀମା ବୃଦ୍ଧି କରାଯାଇଛି । ଗ୍ରୁପ୍-ଏ ପଦବୀ ପାଇଁ ୪୧ ବର୍ଷ, ଗ୍ରୁପ୍-ବି ପଦବୀ ପାଇଁ ୪୪ ବର୍ଷ, ଗ୍ରୁପ୍-ସି ଓ ଗ୍ରୁପ୍-ଡି ପଦବୀ ପାଇଁ ସର୍ବାଧିକ ବୟସ ସୀମା ୪୫ ବର୍ଷ ଧାର୍ଯ୍ୟ କରାଯାଇଛି । ବିଭିନ୍ନ ନିଯୁକ୍ତି କ୍ଷେତ୍ରରେ ପୂର୍ବରୁ ପ୍ରଚଳିତ ଥିବା ଏଭଳି ବୟସସୀମ ବଳବତ୍ତର ରହିବ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି । ରାଜ୍ୟ ଲୋକସେବା ଆୟୋଗ ବ୍ୟତୀତ ସରକାରୀ କର୍ତ୍ତୃତ୍ୱାଧୀନ ପ୍ରତିଷ୍ଠାନ, ସରକାରୀ କମ୍ପାନୀ ଏବଂ ସ୍ଥାନୟୀ ସ୍ୱୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ମଧ୍ୟ ଏହି ନୂତନ ନିୟମାବଳୀ ଲାଗୁ କରାଯିବ । ଗତ ୧୧ ତାରିଖରେ ବିଧିବଦ୍ଧ ଭାବେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଛି । ବହୁବର୍ଷ ଧରି ଚାକିରି ପାଇଁ ଅପେକ୍ଷା କରି ରହିଥିବା ପ୍ରତ୍ୟାଶୀଙ୍କୁ ଏହି ନିଷ୍ପତ୍ତି ଏକ ସୂଚନା ସୁଯୋଗ ପ୍ରଦାନ କରିବ ବୋଲି ରାଜ୍ୟ ସରକାର ସୂଚନା ଦେଇଛନ୍ତି ।

---

## ୟୁଏସ୍-ଜେଟ୍ସ କମିଶନ

ଆମେରିକାର ଇଦାହୋ ର ମାଉଣ୍ଟେସନ୍ ହୋମ୍ ଏୟାରଫୋର୍ସ ଘାଟିରେ ଏକ ଏୟାର ଶୋ’ ସମୟରେ ୨ଟି ଆମେରିକୀୟ ଲଢୁଆ ବିମାନ ମଧ୍ୟରେ ଧକ୍କା ହୋଇଥିଲା । ଗତକାଲି ସେଠାରେ ଏହି ଏୟାରଶୋ’ ବେଳେ ଦୁର୍ଘଟଣାଗ୍ରସ୍ତ ଇଏ-୧୮ଜି ଗ୍ରୋଲର ଲଢୁଆ ବିମାନ ଦୁଇଟି ପରସ୍ପର ମଧ୍ୟରେ ଧକ୍କା ହୋଇଥିଲା । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦୁର୍ଘଟଣା ପରେ ତ୍ୱରିତ କ୍ରିୟାନୁଷ୍ଠାନ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ । ଦୁଇଟିଯାକ ବିମାନର ୪ଜଣଯାକ କ୍ରୁ ସଦସ୍ୟ ଦୁର୍ଘଟଣା ପୂର୍ବରୁ ସୁରକ୍ଷିତ ଭାବେ ବାହାରି ଆସିଥିଲେ । ବାୟୁସେନା ଘାଟିକୁ ବନ୍ଦ ରଖାଯିବା ସହ ଅନ୍ୟ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ଦୁର୍ଘଟଣାର ତଦନ୍ତ ଜାରି ରହିଥିବା ଜଣାପଡ଼ିଛି ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ- ଗୃହ ତାଲିକା ଏବଂ ଗଣନା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସ୍ୱରାଷ୍ଟ୍ରମନ୍ତ୍ରଣାଳୟର ରେଜିଷ୍ଟ୍ରାର ଜେନେରାଲ୍ ଏବଂ ଭାରତୀୟ ଜନଗଣନା କମିଶନରଙ୍କ କାର୍ଯ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଜେନେରାଲ୍ ଭି.ଏ.ଓ୍ୱାରାଡେ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ

23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

## ରେଲୱ୍ୱେ-ଫାୟାର

ବିହାରର ସାସାରାମ ରେଳଷ୍ଟେସନରେ ଯାତ୍ରୀବାହୀ ବଗିରେ ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ରେଳବାଇ ପକ୍ଷରୁ ତଦନ୍ତ ଜାରି ରହିଛି । ପୂର୍ବ କେନ୍ଦ୍ରୀୟ ରେଳବାଇ ଦେଇଥିବା ସୂଚନା ଅନୁଯାୟୀ ସକାଳ ସାଢ଼େ ୫ଟାରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଶାସାରାମ-ପାଟନା ପାସେଞ୍ଜର ଟ୍ରେନ୍‌ର ଗୋଟିଏ ବଗିରୁ ଧୂଆଁ ବାହାରିବା ଚିହ୍ନଟ କରାଯାଇଥିଲା । ପ୍ଲାଟଫର୍ମରେ ଗାଡ଼ିଟି ଠିଆ ହୋଇଥିବାରୁ ଘଟଣାସମୟରେ ବଗିରେ କୌଣସି ଯାତ୍ରୀ ନଥିଲେ । ରେଳବାଇ କହିଛି, ଏହି ଅଗ୍ନିକାଣ୍ଡ ଘଟଣାରେ କୌଣସି ଯାତ୍ରୀ କିମ୍ବା ରେଳ କର୍ମଚାରୀଙ୍କର କିଛି କ୍ଷୟକ୍ଷତି ହୋଇନାହିଁ ।

---

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଚେନ୍ନାଇ ସୁପର୍ କିଙ୍ଗ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ । ସନ୍‌ରାଇଜର୍ସ ହାଇଦ୍ରାବାଦ ୧୨ଟି ମ୍ୟାଚ୍‌ରୁ ୧୪ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଥିବା ବେଳେ ଚେନ୍ନାଇ ସୁପର୍‌କିଙ୍ଗ୍ସ ୧୨ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି । ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ’ ରାଜସ୍ଥାନ ରୟାଲ୍‌ସକୁ ୫ ୱିକେଟ୍‌ରେ

ପରାସ୍ତ କରିବା ପରେ ପ୍ଲେଅପ୍‌କୁ ଉନ୍ନୀତ ହେବାର ଆଶା ରଖିଛି । ଅନ୍ୟପକ୍ଷରେ ପଞ୍ଜାବ କିଙ୍ଗ୍‌କୁ ୨୩ ରନ୍‌ରେ ପରାସ୍ତ କରି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମ ଦଳ ଭାବେ ପ୍ଲେ-ଅପ୍ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛି ।